ଧରିତ୍ରୀ
DHARITRI

May 17-23, 2020 ₹ 2/-

# ଛୁଟିଦିନ



## ଲକ୍ ଡାଉନ୍ ୱେଡିଂ

୩
ପ୍ରଚ୍ଛଦ ପ୍ରସଙ୍ଗ

ବାହାଘର! ଅର୍ଥାତ୍ ବାଜା, ରୋଷଣୀ, ଭୋଜିଭାତ ଆଉ ବନ୍ଧୁବାନ୍ଧବ । ହେଲେ କରୋନା ଯୋଗୁ ଏସବୁଥିରେ ଲାଗିଯାଇଛି କଟକଣା। ତଥାପି ରୋକାଯାଇ ପାରିନି ବାହାଘରକୁ। ସାମାଜିକ ଦୂରତ୍ୱ ରକ୍ଷାକରି ଏ ସମୟରେ ହୋଇଥିବା କିଛି ବିବାହ ସମ୍ପର୍କରେ...

ସିନେମା
୫



# ଫେଙ୍ଗ୍‌ଶୁଇ ଓ କଇଁଛ



ଫେଙ୍ଗ୍‌ଶୁଇ ଅନୁସାରେ ଘର ହେଉ ବା ଅଫିସରେ କଇଁଛ ପ୍ରତିମୂର୍ତ୍ତି ରଖିଲେ ନକାରାତ୍ମକ ଉର୍ଜା ଦୂର ହୋଇ ସକାରାତ୍ମକ ପ୍ରଭାବ ପଡିଥାଏ ଓ ମାନସିକ ଚାପ କମେ ବୋଲି ବିଶ୍ୱାସ ରହିଛି। ତେବେ ଏହାକୁ ଉତ୍ତର ଦିଗରେ ରଖିବା ଭଲ। ଏହାଦ୍ୱାରା ଧନଲାଭ ହେବା ସହ ଗୁପ୍ତ ଶତ୍ରୁଙ୍କର ବିନାଶ ହୁଏ। ତା’ସହ ବ୍ୟାପାର ଓ ଅଫିସ ସମ୍ବନ୍ଧୀୟ ସମସ୍ୟା ଦୂର ହୁଏ। ସୌଭାଗ୍ୟ ବଢେ। ଯେଉଁ ଦମ୍ପତି ସନ୍ତାନ ଚାହାନ୍ତି, ସେମାନେ ଘରେ ମା’ କଇଁଛ ଉପରେ ପିଲା କଇଁଛ ଥିବା ମୂର୍ତ୍ତି ଆଣି ରଖିବା ଭଲ। ନୂଆ ବ୍ୟାପାର ଆରମ୍ଭ କରୁଥିଲେ ରୁପାର କଇଁଛ ପୂଜା ସ୍ଥାନରେ ଉତ୍ତର ଦିଗକୁ ମୁହଁ କରି ରଖନ୍ତୁ, ଯଦ୍ୱାରା ବିନା ବାଧାରେ ଉନ୍ନତି ହୋଇଥାଏ। କ୍ୟାରିୟରରେ ଉନ୍ନତି ପାଇଁ କଳାରଙ୍ଗର କଇଁଛ ଉତ୍ତର ଦିଗକୁ ରଖନ୍ତୁ। ପ୍ରଫେଶନାଲ ଲାଇଫରେ ସମସ୍ୟା ଆସୁଥିଲେ ଅବା ଚାକିରି ନ ମିଳୁଥିଲେ ଫେଙ୍ଗ୍‌ଶୁଇ ଅନୁସାରେ ଘରେ କଇଁଛ ପାଳିବା ଉଚିତ। ଅବା ପିତ୍ତଳର କଇଁଛ ବି ରଖିପାରିବେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୧୭-୨୩

**ମେଷ**: ନିଷ୍ପତ୍ତିର ପରିବର୍ତ୍ତନ, ଦ୍ୱନ୍ଦ୍ୱର ଅବସାନ, ହାତକୁ ପଇସା ଆସିବ, ବ୍ୟବସାୟରେ କ୍ଷତି, କଳହରୁ ଶତ୍ରୁତା, ସ୍ଥଗିତ କାର୍ଯ୍ୟାରମ୍ଭ, ପ୍ରତିକୂଳ ବାତାବରଣ, ପରିସ୍ଥିତିର ଚାପ ବଢିବ, ସମ୍ପତ୍ତିକୁ ନେଇ ବିବାଦ, ଆର୍ଥିକ ଉନ୍ନତି।

**ବୃଷ**: ନୂତନ ଯୋଜନା, ବନ୍ଧୁଙ୍କ ସହଯୋଗ, କାମରେ ସଫଳତା, ପାରିବାରିକ ସ୍ଥିରତା, ମିତ୍ରତା ସୃଷ୍ଟି, ବାଣିଜ୍ୟରେ ସମସ୍ୟା, ନିର୍ମାଣରେ ଅଗ୍ରଗତି, ଯାତ୍ରାରେ ଲକ୍ଷ୍ୟ ହାସଲ, ଶତ୍ରୁତାର ସମାଧାନ, ସ୍ୱାସ୍ଥ୍ୟରେ ଉନ୍ନତି।

**ମିଥୁନ**: ଗଠନମୂଳକ ନେତୃତ୍ୱ, କର୍ମକ୍ଷେତ୍ରରେ ପ୍ରଶଂସା, ଶାରୀରିକ ପୀଡା, ସମାଧାନର ବାଟ ପାଇବେ, ଆଶାବାଦୀ ହେବେ, ବନ୍ଧୁଙ୍କ ସାହାଯ୍ୟ, ବସ୍ତ୍ରଭୂଷଣ ପ୍ରାପ୍ତି, ଅର୍ଥ ପାଇବେ, କାର୍ଯ୍ୟରେ ବିଳମ୍ବ।

**କର୍କଟ**: କର୍ମଜଞ୍ଜାଳ ବୃଦ୍ଧି, ଫୁରସତ୍ ପାଇବେନି, ଅନୁତାପ କରିପାରନ୍ତି, ଆଇନ ଅମାନ୍ୟରୁ ଦଣ୍ଡ, ସାହିତ୍ୟ ଚର୍ଚ୍ଚାରୁ ଆନନ୍ଦ, କାମରେ ବିଶୃଙ୍ଖଳା, ସହଯୋଗ ମିଳିବ, ମାନସିକ ସ୍ଥିରତା ଆସିପାରେ, ସହକର୍ମୀଙ୍କ ସହ ତିକ୍ତତା।

**ସିଂହ**: ଅସାବଧାନତାରୁ ଦ୍ରବ୍ୟ ନଷ୍ଟ, ମାନସିକ କ୍ଳାନ୍ତି ଓ ଅବସାଦ, ସମ୍ପର୍କରେ ଭୁଲ୍ ବୁଝାମଣା, ସହକର୍ମୀଙ୍କ ସାହାଯ୍ୟ, ନିଜ ପରିସରରେ ପ୍ରତିଷ୍ଠା, ନୂତନ କାର୍ଯ୍ୟାରମ୍ଭ ପାଇଁ ଚେଷ୍ଟା କରିବେ, ଯୁକ୍ତିତର୍କରୁ କଳହ।

**କନ୍ୟା**: କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିବ, ନିର୍ମାଣ କାର୍ଯ୍ୟରେ ଅଗ୍ରଗତି, ଗାଡିମୋଟରରେ ସମସ୍ୟା, ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟହାନି, ବ୍ୟବସାୟରେ ଲାଭ, ଶୁଭଖବର ପ୍ରାପ୍ତି, ବନ୍ଧୁଙ୍କୁ ନ ପାଇ ବ୍ୟସ୍ତତା।

**ତୁଳା**: ଅସୁବିଧାରେ ପଡିପାରନ୍ତି, ଅଶାନ୍ତି ଲାଗିରହିବ, ଭ୍ରାତୃ ସମ୍ପର୍କ ବୃଦ୍ଧି, ବିଭିନ୍ନ ସୂତ୍ରରୁ ରୋଜଗାର, ବିବାଦୀୟ ଘଟଣାର ଅବସାନ। ଶିଳ୍ପ ଓ ଏଜେନ୍ସିପରୁ ଖୁସି, ଯାତ୍ରାରେ ସଫଳତା, ପାରିବାରିକ ଶାନ୍ତି। ସୁସ୍ଥତା ବ୍ୟାହତ ହୋଇପାରେ, ପଦୋନ୍ନତିର ସୂଚନା।

**ବିଛା**: ଅପଦସ୍ଥ ହୋଇପାରନ୍ତି, ଅବସୋସ ରହିଯିବ, ସମ୍ପର୍କୀୟଙ୍କ ପ୍ରତାରଣା, ବ୍ୟବସାୟରେ ପ୍ରତିବନ୍ଧକ, ପଦମର୍ଯ୍ୟାଦା ବୃଦ୍ଧି। ଅବହେଳାରୁ ସମାଲୋଚନା, ଗବେଷଣାରେ ପ୍ରତିଦ୍ୱନ୍ଦ୍ୱିତା, ରିସ୍କ ପଦକ୍ଷେପ ନେଇପାରନ୍ତି।

**ଧନୁ**: ବିବାଦରେ ପଶନ୍ତୁନି, ଦୂରବନ୍ଧୁଙ୍କ ପରାମର୍ଶ। ମାନସିକ ସାନ୍ତ୍ୱନା ମିଳିବ, ପରିସ୍ଥିତିକୁ ସଜାଡି ନେବେ। ବକେୟା ଟଙ୍କା ପ୍ରାପ୍ତି, ଦ୍ରବ୍ୟ ଲାଭ, ଭ୍ରମଣ ସୁଯୋଗ। କ୍ରନିକ୍ ରୋଗର ପୀଡା, ଦୂରବାଣିଜ୍ୟରେ ବାଧା, ପ୍ରତୀକ୍ଷା ଜନିତ ଯନ୍ତ୍ରଣା।

**ମକର**: ମାନସିକ ଅସ୍ଥିରତା, ପାରିବାରିକ ତାଗିଦା, ବନ୍ଧୁଙ୍କ ମିଥ୍ୟାଭିଯୋଗ, ପୁତ୍ରକନ୍ୟାଙ୍କ ହେତୁ ସମସ୍ୟା, ପରାଶ୍ରୟତାରୁ ଦୁଃଖ, ସ୍ୱାସ୍ଥ୍ୟରେ ଉନ୍ନତି, ଶୁଭଖବର ପ୍ରାପ୍ତି, ବିଚଳିତବୋଧ, ବ୍ୟବସାୟରେ ମଧ୍ୟ ଶିଥିଳତା, ଭୁଲ କାମ କରିପାରନ୍ତି।

**କୁମ୍ଭ**: ସାମୟିକ ଉତ୍ତେଜନା, ସନ୍ଦେହରୁ ଭୁଲ୍ ବୁଝାମଣା, ପରୀକ୍ଷାରେ ଦ୍ୱନ୍ଦ୍ୱ, ଅଧ୍ୟୟନରେ ଆଗ୍ରହ, ମନୋରଞ୍ଜନ ପ୍ରିୟ ହେବେ, ଦୁଶ୍ଚିନ୍ତାରୁ ରକ୍ତଚାପ। ବିରୋଧୀଙ୍କ ସକ୍ରିୟତା, ଯାତ୍ରା କରିବାକୁ ପଡିପାରେ, ଦ୍ୱନ୍ଦ୍ୱର ଅବସାନ।

**ମୀନ**: ଆଶା ଫଳବତୀ ହେବ, ସ୍ୱାସ୍ଥ୍ୟରେ ବ୍ୟତିକ୍ରମ, ମନରେ ବିରକ୍ତି। ଦେବଦର୍ଶନରେ ବାଧା, ବନ୍ଧୁ ମିଳନରୁ ଆନନ୍ଦ, ଦୃଢ଼ ପଦକ୍ଷେପରୁ କାର୍ଯ୍ୟସିଦ୍ଧି, ପେଟ ଗୋଳମାଳ। ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ମନ୍ଥରତା, ନୀଚ ସଂସର୍ଗରୁ ନିନ୍ଦା।

# ପାଠକୀୟ

■ ଏଥରର ପ୍ରଚ୍ଛଦ ପ୍ରସଙ୍ଗ ‘କରୋନା ନୁହେଁ କରୋନା ପରି’ରେ ୧୦୨ ବର୍ଷ ତଳର ମହାମାରୀ ସମ୍ପର୍କରେ ଅନେକ କିଛି ଜାଣି ହେଲା। ସେତେବେଳେ ଯେ ଆଜିର କରୋନା ପରି ଆତଙ୍କ ଥିଲା, ଏହି ପ୍ରଚ୍ଛଦ ପ୍ରସଙ୍ଗରୁ ଜାଣିପାରିଲୁ। ‘କରୋନା ବେଶରେ ପୋଲିସ୍’ ପାଠଟିରେ ପୋଲିସ୍‌ମାନେ କରୁଥିବା ସଚେତନାମୂଳକ କାର୍ଯ୍ୟ ସତରେ ପ୍ରଶଂସାଯୋଗ୍ୟ। ‘ରୋଷେଇ ଘରେ ସେଲିବ୍ରିଟି’ ପାଠଟି ବହୁତ ଭଲ ଲାଗିଲା।

*–ସୁହାନୀ କର, ମୋହନା*

■ ଶହେ ବର୍ଷ ତଳେ ବି ସେମିତି ଏକ ମହାମାରୀ ନେଇଥିଲା ଲକ୍ଷ ଲକ୍ଷ ଜୀବନ। ପୃଥିବୀର ସମୁଦାୟ ଜନସଂଖ୍ୟାର ଏକ ତୃତୀୟାଂଶ ଏଥିରେ ହୋଇଥିଲେ ଆକ୍ରାନ୍ତ। ଏଥିରୁ ଭାରତ ବି ବାଦ୍ ପଡି ନ ଥିଲା। ଏଥରର ପ୍ରଚ୍ଛଦ ପ୍ରସଙ୍ଗରେ କରୋନା ପରି ଭୟଙ୍କର ସେହି ମହାମାରୀ ସମ୍ପର୍କରେ ଅନେକ କିଛି ଜାଣି ହେଲା। ତା’ ସହ ସୃଜନ, ବ୍ୟାକପେଜ୍ ଓ ହା ହା ମତେ ବହୁତ ଭଲ ଲାଗିଲା।

*– ସୌମ୍ୟକାନ୍ତ ମହାନ୍ତି, ଜାର୍କା, ଯାଜପୁର*

■ ସିନେମା ପୃଷ୍ଠାରୁ ଶହୀଦ ରଘୁ ସର୍ଦ୍ଦାରଙ୍କ ଉପରେ ଓଲିଉଡ୍‌ରେ ଚଳଚ୍ଚିତ୍ର ହେବାକୁ ଯାଉଛି ଜାଣି ଖୁସି ଲାଗିଲା। ଦେବାଶିଷଙ୍କୁ ଏଥିରେ ଯେ ତାଙ୍କ ମନ ଲାଖି ଭୂମିକାରେ ଅଭିନୟର ସୁଯୋଗ ମିଳିଯାଇଛି ଜାଣି ଭଲ ଲାଗିଲା। ‘କଥା ୧୩ ବର୍ଷର’ ଓ ‘ପ୍ରଶଂସା ଅନ୍ତରାଳେ’ ପାଠ ବି ଭଲ ଲାଗିଲା।

*–ମୀନାକ୍ଷୀ ରଥ, ଝାରସୁଗୁଡ଼ା*

■ ଆମ ଓଲିଉଡ୍ ଇଣ୍ଡଷ୍ଟ୍ରିର ସେଲିବ୍ରିଟିମାନେ ଯେ, ଏବେ ରୋଷେଇ ଘରେ ଟେଷ୍ଟି ଖାଦ୍ୟ ତିଆରିରେ ସମୟ ବିତାଉଛନ୍ତି ଜାଣି ଖୁସି ଲାଗିଲା। ସିନେମା ପୃଷ୍ଠାରେ ସାରାଙ୍କ କବିତା ଲେଖା, ଶାହରୁଖଙ୍କ ଘୋଡାଚଢାକୁ ଭୟ ପାଠଗୁଡିକ ଭଲ ଲାଗିଲା। ମଡେଲ ମିରର୍‌ରେ ରଶ୍ମିତାଙ୍କ ଫଟୋ ବେଶ୍ ଆକର୍ଷକ ଥିଲା।

*–ରାଜେଶ କୁମାର ଡାକୁଆ,*
*ସଲ୍ଟ ଲେକ୍, କଲିକତା*

■ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ସବୁ ପାଠଗୁଡିକ ବେଶ୍ ମଜାଦାର ଥିଲା। ପ୍ରଚ୍ଛଦ ପ୍ରସଙ୍ଗଟି ବି ମନଛୁଆଁ ଥିଲା। ସୃଜନର ଗପ କବିତାଗୁଡିକ ଭଲ ଲାଗିଲା।

*–ରଞ୍ଜିତା ମହାନ୍ତି, ପୁରୁଷୋତ୍ତମପୁର, ନୟାଗଡ*

■ ଓଲିଉଡ ଇଣ୍ଡଷ୍ଟ୍ରିର ତାରକାମାନେ ଲକ୍ ଡାଉନ୍ ସମୟରେ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରି ଘର ଲୋକଙ୍କୁ ଖୁଆଇ ଆନନ୍ଦ ପାଉଛନ୍ତି। ଏହାକୁ ପଢିବା ପରେ ମୁଁ ବି ନୂଆ ନୂଆ ଡିଶ୍ ତିଆରି କରୁଛି। ହା ହା ପଢି ମୁଁ ହସି ହସି ବେଦମ୍ ହୋଇଗଲି। ବ୍ୟାକ୍‌ପେଜ୍‌ର ସବୁ ପାଠଗୁଡିକ ବି ବହୁତ ଭଲ ଲାଗିଲା।

*– ମୀରା ଗୋଛାୟତ, ନିଆଳୀ, କଟକ*

## ବିଶେଷ ଚିଠି



କିପରି ବର୍ଣ୍ଣିବି ତୁମରି ରୂପକୁ
ଚାହିଁ ରହିଥାଏ ଏ ଛୁଟିଦିନକୁ
ପ୍ରଚ୍ଛଦ ପ୍ରସଙ୍ଗ ଲାଗଇ ସୁନ୍ଦର
ସୃଜନ ପୃଷ୍ଠାଟି ପ୍ରିୟ ସଭିଙ୍କର
ଚଳଚ୍ଚିତ୍ର ଆଉ ଟିଭିର ଖବର
ସିନେମା ପୃଷ୍ଠାଟି ଲାଗେ ମନୋରମ
କେତେ ଯେ ଅଜଣା କଥା ତୁମେ କୁହ
ସଭିଙ୍କ ହୃଦୟେ ସଦା ହସୁଥାଅ।

–ସଂଗ୍ରାମ କେଶରୀ ସାହୁ
ଧୂଆମଡ଼ା, ଗଣିଆ, ନୟାଗଡ଼

# ସି’ ଆଞ୍ଜେଲ



ସମୁଦ୍ର ଭିତରେ ଏକ ଭିନ୍ନ ଦୁନିଆ ରହିଛି, ଯେଉଁଠି ଅଛନ୍ତି ଅନେକ ଅଜବ ପ୍ରାଣୀ। ନିକଟରେ ପୃଥିବୀ ପ୍ରସିଦ୍ଧ ଅଣ୍ଡରୱାଟର ଫଟୋଗ୍ରାଫର ଆଣ୍ଟୋନିଓ ପେରିସ୍ ଗଭୀର ସମୁଦ୍ର ମଧ୍ୟରେ ଏକ ଅଜବ ପ୍ରାଣୀର ଫଟୋ ଓ ଭିଡିଓ ଉତ୍ତୋଳନ କରିଛନ୍ତି, ଯାହା କି ବହୁତ କମ୍ ଦେଖିବାକୁ ମିଳନ୍ତି। ଉକ୍ତ ପ୍ରାଣୀ ଦେହରୁ ଏକ ଅଜବ ଆଲୋକ ତଥା ଚମକ୍ ବାହାରିଥାଏ। ଆଉ ଏହାର ଶାରୀରିକ ଗଠନ ଏପରି ଯେ, ଦେଖିଲେ ଲାଗେ ସମୁଦ୍ର ଭିତରେ କୌଣସି ଏକ ପରୀ ବା ଆଞ୍ଜେଲ ବିଚରଣ କରୁଛି। ଏହି ପ୍ରାଣୀର ନାମ ହେଉଛି ‘ସି’ ଆଞ୍ଜେଲ’। ଏହାକୁ ‘କ୍ଲେଡ ଜିମ୍ନୋସୋମାଟା’ ବି କୁହାଯାଏ। ଗ୍ରୀକ୍‌ରେ ଜିମ୍ନୋର ଅର୍ଥ ହେଉଛି ନଗ୍ନ। ସୋମାଟାର ଅର୍ଥ ‘ଶରୀର’। ଏହି ପ୍ରାଣୀର



ଶରୀର ଏତେ ଟ୍ରାନ୍ସପରେଣ୍ଟ ଯେ, ଭିତରର ସବୁଅଙ୍ଗ ଦେଖାଯାଇଥାଏ। ରୁଷର ହ୍ୱାଇଟ୍ ସି’ ମଧ୍ୟରେ ବିଭିନ୍ନ ମାଛର ଫଟୋ ଓ ଭିଡିଓ ଉତ୍ତୋଳନ କରିବାବେଳେ ତାଙ୍କ ନଜରକୁ ଏହି ସି’ ଆଞ୍ଜେଲ ଆସିଥିଲା। ଆଉ ସେ ତା’ର ଫଟୋ ଉଠାଇବା ସହ ୨୩ ସେକେଣ୍ଡର ଭିଡିଓ କରିଥିଲେ।

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଲକ୍ ଡାଉନ୍ ୱେଡ଼ିଂ





ବାହାଘର ଋତୁ ଆସିଲେ ବନ୍ଧୁବାନ୍ଧବ ଚର୍ଚ୍ଚାଠୁ ଭୋଜିଭାତରେ ପୂରିଉଠେ ଘରଦ୍ୱାର। ହେଲେ ଏବେ ଯେମିତି ସବୁକିଛି ଫିକ୍‌କା ପଡ଼ିଯାଇଛି। ସମସ୍ତଙ୍କ ମନରେ ଆତଙ୍କ ଖେଳେଇ ଚାଲିଛି କରୋନା। ତେବେ କରୋନା ଯୋଗୁ କ'ଣ ବିବାହ ଭଳି ଏକ ପବିତ୍ର ବନ୍ଧନରେ ରୋକ୍ ଲାଗି ଯାଇଛି? ନା, ତାହା ହୋଇନାହିଁ। ବହୁସ୍ଥାନରେ ବହୁ ପୁଅଝିଅ ପରସ୍ପରକୁ ବିବାହ କରିଛନ୍ତି।

**ସାନିଟାଇଜରରେ କରାଗଲା ବରଯାତ୍ରୀଙ୍କୁ ସ୍ୱାଗତ :** ନୋଭେଲ କରୋନା ଭାଇରସ୍ ପାଇଁ ଏମିତି ଏକ ଅତି ସାଧାରଣ ବାହାଘର ହୋଇଛି ସୁନ୍ଦରଗଡ଼ ଜିଲ୍ଲାରେ। ଏହି ବାହାଘରରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଇଛି। ପୁଣି ବରକନ୍ୟା ସମେତ ସମସ୍ତେ ମୁହଁରେ ମାସ୍କ ପିନ୍ଧିଛନ୍ତି। ଏପ୍ରିଲ୍ ୧୭ ତାରିଖରେ ଅନୁଷ୍ଠିତ ହୋଇଥିବା ଏମିତି ଏକ ବିବାହ ଉତ୍ସବରେ ପରସ୍ପରକୁ ସାତଜନ୍ମ ପାଇଁ ଗ୍ରହଣ କରିଛନ୍ତି ଅମ୍ରିତ୍ ପଟେଲ୍ ଏବଂ ଶୁଭଶ୍ରୀ ପଟେଲ। ସୁନ୍ଦରଗଡ଼ର ଲେଫ୍ରିପଡ଼ା ବ୍ଲକ୍‌ର ଝରଗାଁ ଗ୍ରାମରେ ଏହି ବାହାଘର ଅନୁଷ୍ଠିତ ହୋଇଥିଲା। ଅମ୍ରିତ୍ ବରବେଶ ସାଜି ମାତ୍ର ପାଞ୍ଚଜଣ ବରଯାତ୍ରୀ ଧରି କନ୍ୟାଘରେ ପହଞ୍ଚିଥିବା ବେଳେ ବରସମେତ ସମସ୍ତେ ମାସ୍କ ପିନ୍ଧିଥିଲେ। କନ୍ୟାଘରର ଲୋକମାନେ ସେମାନଙ୍କୁ ହାତରେ ସାନିଟାଇଜର ସ୍ୱାଗତ କରିଥିଲେ।

**ନୟାଗଡ଼ରେ ବାଜିଲା ୱେଡିଂବେଲ :** କୋଭିଡ-୧୯ର ଭୟର ଛାୟାରେ ବି ନୟାଗଡ଼ ଜିଲ୍ଲାରେ ବାଜିଛି ୱେଡ଼ିଂବେଲ୍। ବିଭାଘର ଅନୁଷ୍ଠିତ ହୋଇଛି ନୟଗଡ଼ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ। ନୂଆସାହିର ଟ୍ୱିଙ୍କଲ୍‌ଙ୍କ ସହିତ ମହୀପୁର ଗ୍ରାମର ଟୁଟୁ ସାହୁଙ୍କର ବାହାଘର ସ୍ଥିର ହୋଇଥିଲା। ଏପ୍ରିଲ୍ ୨୭ରେ ବାହାଘର ହେବାକୁ ତାରିଖ ପକ୍‌କା ହୋଇଥିଲା। ହେଲେ ଦୁର୍ଭାଗ୍ୟ ନେଇ ଆସିଲା କୋଭିଡ୍-୧୯। ସରକାର ଲକ୍‌ଡାଉନ୍ ଘୋଷଣା କଲେ। ହେଲେ ବାହାଘର ବନ୍ଦ ହେଲାନି। ଦୁଇ ପରିବାର ସଦସ୍ୟ ତଥା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ବିଧାନ ଚନ୍ଦ୍ର ରାଏ ଏବଂ ସବ୍ କଲେକ୍ଟର ଲଗନ୍‌ଜିତ୍ ରାଉତଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଟୁଟୁ ତଥା ଟ୍ୱିଙ୍କଲ ପରସ୍ପରକୁ ସାତଜନ୍ମ ପାଇଁ ସାଥି କରି ନେଇଥିଲେ। ଏଥିରେ ଲକ୍‌ଡାଉନ୍‌ର ସମସ୍ତ ନିୟମ ପାଳନ କରାଯାଇଥିଲା। ସେତିକିନୁହେଁ, ଟୁଟୁ ତାଙ୍କର ଦୁଇମାସର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ପ୍ରଦାନ କରିଥିଲେ।

**ମେହେନ୍ଦି ନୁହେଁ; ହାତରେ ଲାଗିଲା ସାନିଟାଇଜର :** କନ୍ୟାର ଯେଉଁ ହାତରେ ଲାଗିଥାନ୍ତ ମେହେନ୍ଦି। ସେହି ହାତରେ ଲାଗିଲା ସାନିଟାଇଜର। ଲକ୍ ଡାଉନ୍‌ର ଛାୟାରେ ସନ୍ତୁଥିବା ଭାରତରେ ଏମିତି ଏକ ବାହାଘର ଅନୁଷ୍ଠିତ ହୋଇଛି ବିହାରର ନୱାଡ଼ା ଜିଲ୍ଲାରେ। ମେହେନ୍ଦି ପରିବର୍ତ୍ତେ ହାତରେ ସାନିଟାଇଜର ଏବଂ ଅଳଙ୍କାର ପରିବର୍ତ୍ତେ ମୁହଁରେ ମାସ୍କ ପିନ୍ଧି ବିବାହ କରିଥିବା କନ୍ୟାଜଣକ ହେଉଛନ୍ତି ଏହି ଜିଲ୍ଲାର ହିସୁଆ ନାମକ ଏକ ସ୍ଥାନର ଶ୍ୱେତା କୁମାରୀ। ଶ୍ୱେତା ଲକ୍ ଡାଉନ୍‌ର ସବୁ ନିୟମକୁ ଅକ୍ଷୁଣ୍ଣ ରଖି ଶେଖପୁର ଜିଲ୍ଲା ସ୍ଥିତ ହନୁମାନ ଗଳିର ଗୌରବ କୁମାରଙ୍କୁ ବିବାହ କରିଛନ୍ତି।

**ଦୁଇ ବାହାଘରରେ ଲୋକସଂଖ୍ୟା ୧୦ :** ଗୋଟିଏ ସମୟରେ ଗୋଟିଏ ସ୍ଥାନରେ ଦୁଇଟା ବାହାଘର। ତେବେ ବାହାଘରରେ ଏକତ୍ର ହୋଇଥିବା ଟୋଟାଲ ଲୋକସଂଖ୍ୟା ମାତ୍ର ୧୦ଜଣ। ତାହା ପୁଣି ବରକନ୍ୟା ଚାରିଜଣଙ୍କୁ ମିଶେଇ। ହୁଏତ କଥାଟା ଅବିଶ୍ୱସନୀୟ ମନେ ହୋଇପାରେ। ମାତ୍ର କୋଭିଡ-୧୯ ଏମିତି ଗୋଟିଏ ଅବିଶ୍ୱସନୀୟ କଥାକୁ ବିଶ୍ୱସନୀୟ କରିପାରିଛି। ଏଭଳି ଏକ ବାହାଘର ଅନୁଷ୍ଠିତ ହୋଇଯାଇଛି ମୋହାଲିରେ। ଭୁପିନ୍ଦରଙ୍କ ସହିତ ଗୁରୁଦାସପୁରର ରମଣଦୀପ ସିଂହଙ୍କର ଏବଂ ବିକ୍ରମଜିତଙ୍କ ସହିତ ଚଣ୍ଡିଗଡ଼ର ନବନୀତ କୌରଙ୍କର ବାହାଘର ସମ୍ପନ୍ନ ହୋଇଛି।

**ବିଜ୍ଞାପନରେ ମନାକରାଗଲା ବନ୍ଧୁବାନ୍ଧବଙ୍କୁ :** ଏହା ହେଉଛି କେରଳର ପଥାନାମ୍‌ଥିଟା ଜିଲ୍ଲାର ଘଟଣା। ବିଷ୍ଣୁ ପନାକାଲଙ୍କ ସହିତ ପାର୍ବତୀଙ୍କର ଶୁଭ ପରିଣୟ ଅନୁଷ୍ଠିତ ହୋଇଥାନ୍ତା। ବିଷ୍ଣୁ ଜଣେ ବ୍ୟାଙ୍କ୍ ଅଫିସର ହୋଇଥିବା ବେଳେ ପାର୍ବତୀ ଜଣେ ସରକାରୀ ଅଧିକାରୀ। ବାହାଘର ନେଇ ସବୁପ୍ରକାର ପ୍ରସ୍ତୁତି ସରିଥିଲା। ହେଲେ ମାର୍ଚ୍ଚ ୭ ତାରିଖରେ କେରଳର ଦ୍ୱିତୀୟ କୋଭିଡ ପଜିଟିଭ୍ କେଶ୍ ଡିଟେକ୍ଟ ହେଲା। ସରକାର ତୁରନ୍ତ ସର୍ବସାଧାରଣଙ୍କ କାର୍ଯ୍ୟକଳାପ ଉପରେ କଟକଣା ଲଗେଇଦେଲେ। ବିଷ୍ଣୁ ଓ ପାର୍ବତୀଙ୍କ ପରିବାର ପକ୍ଷରୁ ଏକ ନିରାଡମ୍ବର ବାହାଘରର ଯୋଜନା କଲେ। ଆଉ ଆଞ୍ଚଳିକ ଖବରକାଗଜରେ ବିଜ୍ଞାପନ ଦେଇ ନିମନ୍ତ୍ରିତ ଅତିଥିମାନଙ୍କୁ ବାହାଘର ଦିନ ନ ଆସିବାକୁ ଅନୁରୋଧ କଲେ।

## ମୁମ୍ବାଇରେ ବର – ବରେଲିରେ କନ୍ୟା – ରାୟପୁରରେ ପୁରୋହିତ

ବର ରହିଥିବ ମୁମ୍ବାଇରେ। କନ୍ୟା ବସିଥିବ ବରେଲିରେ। ପୁଣି ରାୟପୁରରେ ରହିଥିବେ ପୁରୋହିତ। ତଥାପି ବାହାଘର ହେବ। ଶୁଣିବାକୁ ଅଜବ ଲାଗୁଛି ନା। ହେଲେ କଥାଟି ସତ। ସୁଷେଣ ଡାଙ୍ଗ୍ ଏବଂ କୀର୍ତ୍ତି ନାରଙ୍ଗ ମଧ୍ୟରେ ଏଭଳି ଏକ ବାହାଘର ହୋଇଛି। ସୁଷେଣ ଜଣେ କମ୍ପିଟେଟିଭ୍ ଇଣ୍ଟେଲିଜେନ୍ସ ଆନାଲିଷ୍ଟ ହୋଇଥିବା ବେଳେ କୀର୍ତ୍ତି ହେଉଛନ୍ତି ଜଣେ ମେକଅପ୍ ପ୍ରଫେସନାଲ। କୋଭିଡ୍-୧୯ ପାଇଁ ସେମାନେ ନିଜନିଜର ଘରେ ବସି ଭିଡିଓ କନ୍‌ଫେରେନ୍ସିଂ ଆପ୍ 'ଜୁମ୍' ଜରିଆରେ ବିବାହ କରିଛନ୍ତି।



# ଷଠୀଘର

**-ପ୍ରଦୀପ୍ତ କୁମାର ବିଶ୍ୱାଳ**

ଉଠିବାକୁ ଜମା ଇଚ୍ଛାହଉ ନ ଥିଲା ! ଏତେ ଭୋରୁ କେହି କ'ଣ ବିଛଣା ଛାଡେ ? ଅନ୍ତତଃପକ୍ଷେ ମଧରାତ୍ରି ପର୍ଯ୍ୟନ୍ତ ମୋବାଇଲରେ ବ୍ୟସ୍ତ ରହୁଥିବା ଆଜିକାଲିକା ପିଲାମାନଙ୍କ ପକ୍ଷରେ ଭୋରରୁ ଉଠିବା ଏକପ୍ରକାର ଶାସ୍ତିବିଧାନ ।

ହେଲେ ବାପାଙ୍କ ବିରକ୍ତିଭାବ ଆଉ ମା'ର କଠୋରକ୍ତି ଶୁଣି କଷ୍ଟେମଷ୍ଟେ ଉଠିଲି । ବାଥରୁମ ଆଡେ ଯାଉ ଯାଉ ମା'କୁ ପଚାରିଲି- ଏତେ ସକାଳୁ କାହିଁ ଉଠେଇଲୁ କିଲୋ ?

କଟମଟ କରି ମୋ ଆଡେ ଅନେଇ ମା' କହିଲା – ଆଲୋ, ତୁ ପାଗଳୀଟା କି ? ଜାଣିନୁ, ଆଜି ପରା ଟ୍ରେନ ଯିବ, ସ୍ପେସିଆଲଟ୍ରେନ । ତୋ ବାପା ବହୁ ଚେଷ୍ଟା କରି ଟିକଟ ଯୋଗାଡ଼ କରିଛନ୍ତି । ସବୁ ପ୍ୟାକିଙ୍ଗ ସାରିଲାଣି । ଯା' ଶୀଘ୍ର ଶୀଘ୍ର ଫ୍ରେଶ୍ ହେଇ ବାହାରିପଡ଼ । ଲେଟ୍ ହେଇ ଯିବ ନ ହେଲେ । ଯା' ଆଗରୁ ତ ଅନେକଥର ଗାଁକୁ ଯାଇଚି, ବାପା ମା'ଙ୍କ ସାଙ୍ଗରେ । ଦେଖିବାକୁଗଲେ ପ୍ରତିବର୍ଷ ଆମେ ଯାଉ ଗାଁକୁ । ହେଲେ ଏତେ ବ୍ୟସ୍ତତା, ଏତେ ଉନ୍ମାଦନା କେବେ ଦେଖି ନ ଥିଲି । ବାପା ଯେମିତି ନିଜ ଗାଁକୁ ଫେରିବା ପାଇଁ ଅତ୍ୟନ୍ତ ବ୍ୟାକୁଳ ! ଫ୍ରେସ୍ ହେଇ ବାହାରି ପଡିଲି ମୁଁ । ଦେଖିଲି, ବାପା ଘରର ପ୍ରାୟ ସବୁ ଜିନିଷ ପ୍ୟାକିଙ୍ଗ କରି ସାରିଛନ୍ତି । ଘରେ ତାଲା ପକେଇ, ଘର ମାଲିକଙ୍କୁ ଚାବି ଦଉଦଉ କହୁଥିଲେ – ପଟେଲସାବ, ହମ ଔର ୱାପସ ନେହିଁ ଆଏଙ୍ଗେ । ହମେଶା କେଲିୟେ ୟହାଁସେ ଯା ରହେ ହେଁ । ବାପାଙ୍କ କଥା ଶୁଣି ହଠାତ ଆକାଶ ଯେମିତି ଛିଡି ପଡିଲା ମୋ ଉପରେ । ଆମେ କ'ଣ ସତରେ ଆଉ ଫେରିବାନି ସୁରଟ ? ମୋ ସାଙ୍ଗସାଥୀ, ସ୍କୁଲ, ପାଠପଢାସବୁ ଏଇଠି ଛାଡି ଚାଲିଯିବି ସବୁଦିନ ପାଇଁ ! କେତେ ଅଭୁଲା ସ୍ମୃତି, ଅନୁଭୂତି ସବୁକୁ ପାଦରେ ଦଳିଦଳି ବାପା–ମା'ଙ୍କ ସାଥିରେ ଷ୍ଟେସନ ଆଡେ ମୁହାଁଇଲି । ଗଲାବେଳେ ରାସ୍ତାରେ ଚିହ୍ନା ଜଣା ଦୋକାନ, ରେସ୍ତୋରାଁ, ମଲ୍, ହୋଟେଲ ଯେମିତି ହାତ ହଲେଇ ବାୟବାୟ କରୁଥାନ୍ତି । ବାପା ବି ଏମିତି ଅକସ୍ମାତ ଆସିବା ପ୍ଲାନ କଲେ ଯେ ମୋ ସାଙ୍ଗମାନଙ୍କୁ ବି ଶେଷଥର ପାଇଁ ଦେଖା କରିପାରିଲିନି । ଆଖିରେ ଲୁହ ଜକେଇ ଆସିଲା । ରୁମାଲ ଜାକି କାନ୍ଦୁଥିଲି ।

ବାପା ସବୁ ଜାଣି ପାରୁଥିଲେ । ଝିଅର ଦୁଃଖ ବୁଝି ପାରି ବି ଅବୁଝା ଭଳି ଚୁପ ରହିଥିଲେ । ଟ୍ରେନରେ ସବୁ ଜିନିଷ ଲଦାହେଲା । ଯିଏ ଯାହା ସିଟରେ ବସି ସାରିଲେଣି । ହଜାରେ ଲୋକଙ୍କ ସିଟ ଥିବା ଟ୍ରେନରେ ଅନ୍ତତଃ ଦେଢ଼ହଜାର ଲୋକ ବସିଥିଲେ, ତା'ଛଡା ସେମାନଙ୍କ କଷ୍ଟାର୍ଜିତ ଜିନିଷପତ୍ର ଇତ୍ୟାଦି ଇତ୍ୟାଦି ଟ୍ରେନର ପ୍ରତିଟି ଇଞ୍ଚ ସ୍ଥାନକୁ କବଳିତ କରିସାରିଥିଲା । ହେଲେ କାହାର କିଛି ଆପତ୍ତି ନ ଥିଲା, କାହାରି କିଛି ଅସୁବିଧା ବି ହଉ ନ ଥିଲା । ଟ୍ରେନ ଛାଡିବା ପରେ ସମସ୍ତେ ଯେମିତି ବିଭୋର ହେଇଯାଇଥିଲେ ଏକ ଅଜଣା ଆନନ୍ଦରେ । ସତେ ଯେମିତି କଳାପାଣି ସଜା କାଟି ସାରି ମାତୃଭୂମିକୁ ଫେରୁଛନ୍ତି । ଅବ୍ୟକ୍ତ , ଅବର୍ଣ୍ଣନୀୟ ସେ ଭାବାବେଗ...

ପ୍ରାୟ ଅଧଘଣ୍ଟେ ହେବ ଟ୍ରେନ ଛାଡ଼ିଲାଣି । ଉଦାସିଆ ଆଖିରେ ଟ୍ରେନ ଝରକା ବାଟେ ବାହାରକୁ ଅନେଇ କେତେ କ'ଣ ଭାବୁଥିଲା ବେଳେ, ବାପାଙ୍କ ହାତର ପରଶ ଅନୁଭବ କଲି । କୋଳକୁ ଆଉଜାଇ ନେଇ କହିଲେ, ମା' ରେ ପରିସ୍ଥିତି ଏମିତି ହେଲା ବୋଲି ସିନା ଆମକୁ ଗାଁକୁ ଫେରିବାକୁ ପଡୁଚି । ଏଠି ଆଉ କେତେଦିନ ଏମିତି କାମଧନ୍ଦା ନ କରି ଅଭାବ ଅନଟନରେ ପଡି ରହିଥାନ୍ତେ । ଗାଁକୁ ଗଲେ, କିଛି ନ ହେଲେ ବିଲବାଡ଼ିରେ ଚାଷବାସ କରି ପେଟକୁ ମୁଠାଏ ଦାନା ଦେଇପାରିବା । ମୁଁ ସେଇ ଗାଁରେ ଜନ୍ମ ହେଇଥିଲି, ସେଇଠି ବଡହେଇଚି, ଗାଁ ସ୍କୁଲରେ ପଢ଼ିଚି । ଆମ୍ବତୋଟାରେ କେତେ ଡାଳମାଙ୍କୁଡ଼ି ଖେଳିଚି, ପଦ୍ମ ପୋଖରୀରେ କେତେ ମାଛ ଧରିଚି । ମୋର ଏ ଅସୁବିଧା ବେଳରେ ସେମାନେ ପୁଣି କ'ଣ ମୋତେ ଆପଣେଇ ନେବେନି ? ସେଇଠି ମୋ ଷଠୀଘର । ପେଟପାଟଣା ପାଇଁ ତାକୁ ପର କରି ଏ ଦୂର ରାଇଜକୁ ଚାଲି ଆସିଥିଲି । ଆଜି ପୁଣି ବାହୁଡ଼ି ଯିବାରେ ଅସୁବିଧା କ'ଣ ? ଦି–ଚାରି ମାସରେ ସବୁ ଆଡଜଷ୍ଟ ହେଇଯିବ । ତୋର ବି ସେଇ ଗାଁ ସ୍କୁଲରେ ନାମ ଲେଖେଇଦେବି । ସେଇଠି ପଢ଼ିବୁ, ନୂଆନୂଆ ସାଙ୍ଗସାଥୀ କରିବୁ । ଧୀରେଧୀରେ ମନ ଲାଗିଯିବ । ମୋ ମା'ଟା ପରା, ଆଉ ମନ ଦୁଃଖ କରନି । ବାପାଙ୍କ ପ୍ରଶସ୍ତ ଛାତି ସବୁ ଝିଅଙ୍କ ପାଇଁ ସବୁଠୁ ସୁରକ୍ଷିତ ସ୍ଥାନ ! ସେଠି ଥରେ ମୁଣ୍ଡ ଗୁଞ୍ଜି ଦେଲେ କୁଆଡେ ପୃଥିବୀର କୌଣସି ବାଧାବିଘ୍ନ ପାଖକୁ ଆସି ପାରେନା । ବାପାଙ୍କ ଛାତିରେ ସେମିତି ମୁଣ୍ଡ ରଖି ପଚାରିଲି– ବାପା, ଗୋଟେ କଥା ପଚାରିବି ? – ହଁରେ ମା' କହ ।

–ବାପା, ତୁମେ ଯେ ସେଠିକା ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା, ସଂଚାଳକ ଥିଲ, ତୁମ ବିନା ମନ୍ଦିର ଚାଲିବ କେମିତି ? ବଡ ଠାକୁରଙ୍କ ଭୋଗରାଗଠୁ ଆରମ୍ଭ କରି ନାନାଦି ସାଜ ସରଞ୍ଜାମ ବ୍ୟବସ୍ଥା କରିବ କିଏ ? ତୁମେ ତ ତୁମ ସୁବିଧା ପାଇଁ ନିଜ ଗାଁକୁ ଚାଲି ଯାଉଚ, ଠାକୁର କ'ଣ ଭୋକ ଉପାସରେ ବିନା ସଜ–ଶୃଙ୍ଗାରରେ ଅପୂଜ୍ୟ ହେଇ ରହିବେ ?

ଆଉ ସେ ଘର ମାଲିକ ପଟେଲ ଅଙ୍କଲ, ସବୁଦିନେ ମୋ ହାତରେ ହିଁ ମନ୍ଦିରକୁ ଫୁଲ ତୁଳସୀ ପଠଉଥିଲେ, ଏବେ କାହା ହାତରେ ପଠେଇବେ ଯେ ? ତୁମ କାଳିଆ ଠାକୁର ଏତେ ଅସୁବିଧାରେ ରହିଲେ, ତୁମେ ଗାଁରେ ଖୁସିରେ ରହି ପାରିବ ତ ? ବାପା ବୋଧେ ହତବାକ ହେଇଯାଇଥିଲେ, ବାର ତେର ବର୍ଷର କୋମଳମତି ଝିଅର ପ୍ରଶ୍ନରେ । ମୁଁ କିନ୍ତୁ କହିଚାଲିଥିଲି – ଆଉ ଗୋଟେ କଥା କୁହ ବାପା । ମୁଁ ତ ଏଇ ସୁରଟରେ ଜନ୍ମିଥିଲି । ଚିହ୍ନାଜଣା ଓଡ଼ିଆ ମାଉସୀମାନେ ଆମର ସେ ଭଡ଼ାଘରେ ଷଠୀପୂଜା କରିଥିଲେ । ସେ ହଳଦୀ–କଉଡ଼ି ଏବେବି ଘର କାନ୍ଥରେ ଅଛି । ମା' ଅନେକଥର ସେ ହଳଦୀ–କଉଡ଼ିକୁ କାଢ଼ି ଦେବାକୁ କହୁଥିଲେ ବି ତୁମେ କଢ଼େଇ ଦେଇନ । ସବୁବେଳେ କୁହ, ମୋ ଝିଅର ଷଠୀପୂଜା କାନ୍ଥ ସେମିତି ଥାଉ, ଅନ୍ତତଃ ତା' ବାହାଘର ପର୍ଯ୍ୟନ୍ତ ଥାଉ ।

ଆଜି ସେସବୁ ଭୁଲି କେମିତି ଚାଲି ଆସିଲ । ମୋର କ'ଣ ଦୋଷ ଯେ, ମୁଁ ମୋ ଷଠୀଘରକୁ ପରକରି ସବୁଦିନ ପାଇଁ ଚାଲିଯାଉଚି ? ବାପା ତଥାପି ନିରୁତ୍ତର ଥିଲେ । କେବଳ କେଇ ବୁନ୍ଦା ଉଷୁମ ଲୁହ ବାପାଙ୍କ ଆଖିରୁ ଖସି ମୋ ମୁଣ୍ଡରେ ପଡ଼ିବାର ଅନୁଭବ କଲି । ବୋଧହୁଏ ଜୀବନରେ ପ୍ରଥମକରି ବାପାଙ୍କୁ କାନ୍ଦିବାର ଦେଖିଲି !!

*–ବାଲିଗଞ୍ଜପ୍ଲେସ, କୋଲକାତା–୧୯*



## ବଦନାମ ନାୟିକା ସେ

ବଦନାମ ନାୟିକା ସେ
ରାତିର ଅନ୍ଧାରରେ ବାହାରି ସୂର୍ଯ୍ୟର
ଆଲୋକରେ ହଜିଯାଏ
ପୁଣି ଏକ ଅଭିଶପ୍ତ ରାତି ପାଇଁ

ସବୁ ରୂପରେ ସବୁ ସଂପର୍କରେ
ସେ ବଦନାମ
ରାତିରେ ଲୁହ ଝରାଇବାର ସମୟ ନ
ଥାଏ,

ଆଉ ସକାଳେ କ୍ଳାନ୍ତ ଶରୀରରେ
ଜୀବନ ନ ଥାଏ
ସହିବାର ସୀମା ପାର ହେଲେ ବି
ସହିଯାଏ
ନିଜକୁ ମାରି ସଂପର୍କକୁ ବଂଚେ
କେଜାଣି କାହା ପାଇଁ

ତାକୁ ହରାଇବାର ସୁବିଧା ଅସ୍ତ୍ର
ତାର ଚରିତ୍ର ସଂହାର

ଲୁହରେ ଲହୁ ମିଶାଇ ସେ ନିଷ୍କଳଙ୍କିତ
ନିଜକୁ ଠିଆ କରିବାକୁ ଚେଷ୍ଟା କରେ
ଠିଆ ବି ହୁଏ, ହେଲେ
ନାମି ସମାଜର ସଭ୍ୟ ଚେହେରା
ଆଗରେ
ବଦନାମ ନାୟିକା ହୋଇ ସେ ରହେ ଚିର
ଦିନ ପାଇଁ ।

**–ଶବନମ ଆଦେନୀ**
ଦିଲ୍ଲୀ

# ପ୍ରେମର ନୂଆ ଫର୍ମୁଲା


ଅମ୍ଲାନ-ତମନ୍ନା

କଲେଜର ରଙ୍ଗିନ ପରିବେଶ ଆଉ ନୂଆ ଦୁନିଆରେ ଅନେକେ ପ୍ରେମ ମାୟାରେ ପଡିଯାଇ ଥାଆନ୍ତି। ବାସ୍, ଠିକ୍ ସେମିତି ପ୍ରଥମ ଦେଖାରେ ଜଣେ କଲେଜ ଛାତ୍ର ଜଣେ କଲେଜ ଛାତ୍ରୀଙ୍କୁ ପ୍ରେମ କରି ବସୁଛି। ପ୍ରେମର ନୂଆ ଫର୍ମୁଲା ଆପ୍ଲାଏ କରି ସେମାନେ ପ୍ରେମ ଦୁନିଆରେ ଉଡି ବୁଲୁଛନ୍ତି। ହେଲେ ହଠାତ୍ ଆଉ ଜଣେ ଏହି ପ୍ରେମରେ ଏଣ୍ଟ୍ରି କରୁଛନ୍ତି। ତା'ପରେ ତ ନିଶ୍ଚୟ ପ୍ରେମର ପାଣିପାଗ ବଦଳି ଯାଉଥିବ। ତେବେ ତା'ପରେ କ'ଣ ହେଉଛି ଏବଂ ଦୁହିଁଙ୍କ ପ୍ରେମର ଦି ଏଣ୍ଡ କିପରି ହେଉଛି ସେପରି ଏକ ଭିନ୍ନ ଧରଣର ଲଭ୍ ଷ୍ଟୋରିକୁ ନେଇ ନିର୍ମିତ ହେଉଛି ଓଡିଆ ଫିଲ୍ମ 'ରୋମିଓ ରାଜା'। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଲାନ କୁମାର ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ତମନ୍ନା। ଏନ. ବି. ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଫିଲ୍ମର ଶୁଟିଂ ବର୍ତ୍ତମାନ ଚାଲୁ ରହିଛି। ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରଯୋଜନାରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ନବାଗତ ନିର୍ଦ୍ଦେଶକ ରାକେଶ ସାମଲ। ଅମ୍ଲାନ-ତମନ୍ନାଙ୍କ ବ୍ୟତୀତ ହରିହର ମହାପାତ୍ର, ବାବୁ ପ୍ରଧାନ, ଦୀପକ ମହାରଣା, ଜ୍ଞାନ ପଲେଇ, ତପନ, ରାଜଲକ୍ଷ୍ମୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# କଙ୍ଗନାଙ୍କ ବଦାନ୍ୟତା


କଙ୍ଗନା

ଏବେ ତ କରୋନା ମହାମାରୀ ପାଇଁ ଲକ ଡାଉନ ଚାଲିଛି। ଏହି ସମୟରେ ଘରେ ରହି ମଧ୍ୟ କଙ୍ଗନା ସହଯୋଗର ହାତ ବଢ଼ାଇଛନ୍ତି। କିଛି ଦିନ ପୂର୍ବରୁ ସେ ପିଏମ କେୟାର ଫଣ୍ଡକୁ ୨୫ ଲକ୍ଷ ଡୋନେସନ ଦେଇ ଚର୍ଚ୍ଚାକୁ ଆସିଥିଲେ। ତା' ସହ ନିକଟରେ ସେ ଅଭିନୟ କରୁଥିବା ତଥା ନିର୍ମାଣାଧୀନ ସିନେମା 'ଥଲାଇଭି'ର ସମସ୍ତ ୟୁନିଟ୍ ସଦସ୍ୟଙ୍କୁ ପାଞ୍ଚ ଲକ୍ଷ ଦେଇଛନ୍ତି। କେବଳ ସେତିକି ନୁହେଁ, ଫିଲ୍ମ ଏମ୍ପ୍ଲୋଇଜ ଫେଡେରେସନ ଅଫ ସାଉଥ ଇଣ୍ଡିଆକୁ ମଧ୍ୟ ପାଞ୍ଚ ଲକ୍ଷ ଦାନ କରିଛନ୍ତି। ଅବଶ୍ୟ ସେ ଅଭିନୟ କରୁଥିବା ଫିଲ୍ମର ଶୁଟିଂ କରୋନା ପାଇଁ ବନ୍ଦ ରହିଛି। ହେଲ ଏହି ଫିଲ୍ମଟି ତାଙ୍କ କ୍ୟାରିୟର ପାଇଁ ମାଇଲଷ୍ଟୋନ୍ ସାବ୍ୟସ୍ତ ହେବ ବୋଲି କହିଛନ୍ତି। ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପରଲୋକଗତା ଜେ. ଜୟଲଳିତାଙ୍କ ଜୀବନୀକୁ ନେଇ ଏହି ଚିତ୍ରଟି ପ୍ରସ୍ତୁତ ହେଉଛି ଏବଂ ଏହାର ଟାଇଟଲ ଭୂମିକାରେ ସେ ଅଭିନୟ କରୁଛନ୍ତି। ଏ ନେଇ କଙ୍ଗନା କହନ୍ତି, ''ଏପରି ଏକ ଭୂମିକାରେ ଅଭିନୟ କରିବା ଏତେ ସହଜ ନୁହେଁ। କାରଣ ଜୟଲଳିତା କେବଳ ଜଣେ ଲୋକପ୍ରିୟ ଅଭିନେତ୍ରୀ ନ ଥିଲେ ଜଣେ ନେତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଭାବରେ ସେ ସୃଷ୍ଟି କରିଥିଲେ ସ୍ୱତନ୍ତ୍ର ପରିଚୟ। ତେବେ ଏଭଳି ଏକ ଭୂମିକା ମୋର ଡ୍ରିମ୍ ରୋଲ୍ ବୋଲି କହିବି। ଦର୍ଶକ ଆମ ପରିଶ୍ରମର ମୂଲ୍ୟ ନିଶ୍ଚୟ ବୁଝିବେ ବୋଲି ଆଶା ରଖିଛି। ଗତ ବର୍ଷ ସେପ୍ଟେମ୍ବରରୁ ଶୁଟିଂ ଆରମ୍ଭ ହୋଇଥିବା ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଏ.ଏଲ.ବିଜୟ।''

# କ୍ୟାପସନ ଚିନ୍ତା

ଲକ୍ଡାଉନ୍ ସମୟରେ ସୁନୀଲ ସେଟ୍ଟି ତନୟା ଆଥିୟା କ'ଣ କରୁଛନ୍ତି ? ଘରେ ତ ନିଶ୍ଚୟ ରହିବାକୁ ପଡୁଛି। ହେଲେ ଏବେ ସେ ଏକ କଥାକୁ ନେଇ ଟେନ୍ସନରେ। କଥା କ'ଣ କି ଏପରି ସମୟରେ ନିଜର ପୁରୁଣା ସ୍ମୃତି ସହ ଜଡିତ ଫଟୋଗୁଡିକୁ ସେ ନିଜ ସୋସିଆଲ ମିଡିଆର ଶେୟାର କରୁଛନ୍ତି। ତା'ସହ ସେଥିରେ ମନକୁ ଛୁଇଁବା ଭଳି କ୍ୟାପସନ ଦେବାକୁ ଭୁଲୁ ନାହାନ୍ତି। ହେଲେ ବେଳେବେଳେ ଫଟୋକୁ ପରଫେକ୍ଟ ମ୍ୟାଚ୍ କରିବା ଭଳି କ୍ୟାପସନ ପାଉନାହାନ୍ତି। ତେଣୁ ତାହାକୁ ନେଇ ସେ ଟିକେ ଟେନ୍ସନରେ। ଏ ନେଇ ଆଥିୟା କହନ୍ତି, ''ପୁରୁଣା ସ୍ମୃତି ସବୁବେଳେ ସ୍ମରଣୀୟ। ଯେତେବେଳେ ଏପରି ଫଟୋ ମୁଁ ମୋ ସୋସିଆଲ ମିଡିଆରେ କ୍ୟାପସନ ସହ ଶେୟାର କରୁଛି ସେତେବେଳେ କ୍ୟାପସନକୁ ନେଇ ମୁଁ ଟିକେ ଅଡୁଆରେ ପଡୁଛି। ମୋତେ ଲାଗୁଛି ସତେ ଯେମିତି କ୍ୟାପସନ ଚୟନ କରିବା ପରୀକ୍ଷାଠାରୁ କିଛି କମ୍ ନୁହେଁ।''


ଆଥିୟା

# ସେଲଫି ନିଶା

ଦବଙ୍ଗ ଗର୍ଲ ସୋନାକ୍ଷୀଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଯେହେତୁ ଲକ୍ ଡାଉନ୍ ପାଇଁ ଘରେ ସମୟ କଟୁଛି, ତେଣୁ କିଛି ନା କିଛି ତ କରିବାକୁ ପଡିବ। ନିଜର ଫିଟ୍ନେସ ପ୍ରତି ସ୍ପେଶାଲ ଧ୍ୟାନ ଦେଉଛନ୍ତି। ତା' ସହ ଆଉ ଏକ କାମରେ ମଧ୍ୟ ବ୍ୟସ୍ତ ଅଛନ୍ତି। ତାହା କ'ଣ ଜାଣନ୍ତି ? ଏବେ ସେ ସେଲଫି ନେବାରେ ବ୍ୟସ୍ତ। ତା'ସହ ଏହି ଫଟୋଗୁଡିକୁ ସେ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏ ସମ୍ପର୍କରେ ସୋନାକ୍ଷୀ କହନ୍ତି, ''ସେଲଫି ନେବା ମୋର ଏକ ହବି। କେବଳ ମୁଁ କ'ଣ, ଅନେକଙ୍କର ଏହା ଏକ ଅଭ୍ୟାସରେ ପରିଣତ ହୋଇଗଲାଣି। ଘରେ ତ ବସିଛି। ତେଣୁ ସମୟ ମିଳିଲେ ଭଲ ଭଲ ପୋଜ୍‌ରେ ସେଲଫି ନେଉଛି। ପୁଣି ତାହାକୁ ମୋ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ତାହା ଭାଇରାଲ ହେଉଛି। ଏଥିପାଇଁ ମୋ ପ୍ରଶଂସକମାନଙ୍କୁ ଧନ୍ୟବାଦ ଦେବାକୁ ମୋ ନିକଟରେ ଭାଷା ନାହିଁ।''


ସୋନାକ୍ଷୀ

## ମଡେଲ ମିରର୍



ନିକିତା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### କ୍ରିମ

ମୁନା ରାଜୁକୁ- ମୁଁ ଏମିତି ଏକ କ୍ରିମ ତିଆରି କରିଛି, ଯାହାକୁ ଲଗେଇଲେ ୪୦ ବର୍ଷର ମହିଳା ୨୦ ବର୍ଷର ଯୁବତୀ ପରି ଲାଗିବେ।

ରାଜୁ- ତୋର ଏଇ କ୍ରିମ୍ ନେବାକୁ ତା'ହେଲେ ବହୁତ ମହିଳା ଆସୁଥିବେ।

ମୁନା- ସେଇ ତ ଦୁଃଖର କଥା। କୌଣସି ମହିଳା ନିଜକୁ ୪୦ ବର୍ଷର ବୋଲି ହିଁ ଭାବୁ ନାହାନ୍ତି।

### ଭଉଣୀ

ଗୋପୀ ଦେହ ଖରାପ ଥାଏ ପପୁ, ତାକୁ ମେଡିକାଲ ନେଇଗଲା। ସେଠି ଗୋପୀକୁ ସାଲାଇନ୍ ଦିଆଗଲା। ଡ୍ରିପ୍ ସରିଯିବା ପରେ ଗୋପୀ ପପୁକୁ- ଯା, ଟିକେ ସିଷ୍ଟର୍‌କୁ ଡାକିଆଣେ।

ପପୁ କାନ୍ଦି କାନ୍ଦି- ହଉ, ତୁ ଚାଲି ଯିବୁନି। ମୁଁ ଶୀଘ୍ର ଆସିବି।

ଆଉ ୩ ଦିନ ପରେ ପପୁ ଗାଁରେ ଥିବା ଗୋପୀର ଭଉଣୀକୁ ଧରି ଆସିଲା।

### ରାକ୍ଷସ

ସ୍ତ୍ରୀ ସ୍ୱାମୀଙ୍କୁ ରାଗିକି- ମୋ ବାହାଘର କୋଉ ରାକ୍ଷସ ସହ ହୋଇଥିଲେ ବି ମୁଁ ଏତେ ଦୁଃଖ କରୁ ନ ଥାଆନ୍ତି, ଯେତିକି ତୁମକୁ ବାହା ହୋଇ କରୁଛି।

ସ୍ୱାମୀ ହସି ହସି- ହେଲେ ରକ୍ତ ସମ୍ପର୍କରେ କ'ଣ ବାହାଘର ହୁଏ ?




# ଗ୍ରନ୍ଥି ଦେଖାଏ ସ୍ୱପ୍ନ

ନିକଟରେ ଏକ ତଥ୍ୟ ପ୍ରକାଶିତ ହୋଇଛି ଯେ, ଶିଶୁମାନେ ଆଦୌ ସ୍ୱପ୍ନ ଦେଖନ୍ତି ନାହିଁ। କାରଣ ଶିଶୁମାନଙ୍କ ମସ୍ତିଷ୍କରେ ଥିବା କଳ୍ପନା ସୃଷ୍ଟିକାରୀ ଗ୍ରନ୍ଥିଟି ବିକଶିତ ହୋଇ ନ ଥାଏ। ସେହି କଳ୍ପନା ସୃଷ୍ଟିକାରୀ ଗ୍ରନ୍ଥି ହେଉଛି ମଣିଷ ମନରେ ଦେଖାଦେଉଥିବା ସ୍ୱପ୍ନର ଜନ୍ମଦାତା। ସେଥିଲାଗି ଜଣେ ଶିଶୁ ଅବସ୍ଥାରେ ସ୍ୱପ୍ନ ଦେଖି ନ ଥାଏ। ତା'ର ଯେତେବେଳେ ବୟସ ବଢ଼େ ସେତେବେଳେ ତା' ମାନସିକତାର ବିକାଶ ହୁଏ। ମାନସିକତାର ବିକାଶ ଘଟିବା ସହିତ କଳ୍ପନା ସୃଷ୍ଟିକାରୀ ଗ୍ରନ୍ଥି ପରିପକ୍ୱ ହୁଏ। ଆଉ ମଣିଷ ମନ ଭିତରକୁ ସ୍ୱପ୍ନ ଭଳି ପ୍ରହେଳିକାର ପ୍ରବେଶ ଘଟେ ବୋଲି ନ୍ୟୁଜିଲାଣ୍ଡସ୍ଥିତ ଭିକ୍ଟୋରିଆ ୟୁନିଭର୍ସିଟିର ଗବେଷକମାନେ ମତବ୍ୟକ୍ତ କରିଛନ୍ତି। ସେମାନେ ପ୍ରାୟ ୧୧ଟି ଦେଶର ପାଞ୍ଚଶହ ବ୍ୟକ୍ତିଙ୍କ ଉପରେ ଗବେଷଣା କରି ଏହି ବିଷୟ ପ୍ରକାଶ କରିଛନ୍ତି।

**ପାଇନିଏଲ୍ ଗ୍ଲାଣ୍ଡ :** ମସ୍ତିଷ୍କରେ ଏକ ଗ୍ରନ୍ଥି ଅଛି, ଯାହାକୁ କୁହାଯାଏ ପାଇନିଏଲ୍ ଗ୍ଲାଣ୍ଡ। ଏହାକୁ ମଧ୍ୟ ଡ୍ରିମ୍ ଗ୍ଲାଣ୍ଡ ବା ସ୍ୱପ୍ନ ସୃଷ୍ଟିକାରୀ ଗ୍ରନ୍ଥି ବୋଲି କୁହାଯାଇଥାଏ। ଏହାର ଆକାର ଏକ ପି'ନଟ୍ ଭଳି। ସ୍ୱପ୍ନ ଦେଖିବା ମୂଳରେ ରହିଛି ଏହି ଗ୍ରନ୍ଥି। ଏହାକୁ ପୁରାଣରେ ଥାର୍ଡ ଆଇ ବା ତୃତୀୟ ନେତ୍ର ଭାବେ ବିବେଚନା କରାଯାଇଥିବା ଦେଖାଯାଏ।

**ଚିନ୍ତା ସହ ସ୍ୱପ୍ନର ସମ୍ପର୍କ ନାହିଁ :** ଗବେଷକମାନେ କହିଛନ୍ତି ଯେ, ଆମେ ଯାହା ଚିନ୍ତାକରୁ ତାହା ଯେ ସ୍ୱପ୍ନରେ ପ୍ରତିଫଳିତ ହେବ, ସେ କଥାରେ କୌଣସି ସତ୍ୟତା ନାହିଁ। ସ୍ୱପ୍ନ ସୃଷ୍ଟିକାରୀ ଗ୍ରନ୍ଥିର ସକ୍ରିୟତା ଉପରେ ନିର୍ଭର କରେ ସ୍ୱପ୍ନର କଣ୍ଟେଣ୍ଟ। ସେଥିଲାଗି ମଣିଷ ଏଭଳି କିଛି ସ୍ୱପ୍ନ ଦେଖିଥାଏ, ଯାହା ତା' ଚିନ୍ତାର ବାହାରେ। ସେମାନେ ଏ କଥା ମଧ୍ୟ କହିଦେଇଛନ୍ତି ଯେ, ଭାବୁକଶ୍ରେଣୀର ଲୋକମାନେ ଅଧିକ ସ୍ୱପ୍ନପ୍ରବଣ। କାରଣ ସେମାନଙ୍କ ମସ୍ତିଷ୍କରେ ସ୍ୱପ୍ନ ସୃଷ୍ଟିକାରୀ ଗ୍ରନ୍ଥିର ସକ୍ରିୟତା ସର୍ବାଧିକ ରହିଥାଏ।

**ପେଙ୍ଗୁଇନ୍ ବି ସ୍ୱପ୍ନ ଦେଖେ :** ପେଙ୍ଗୁଇନ୍ ଏକ ଭାରି ସୁକୁମାର ପକ୍ଷୀ। ଏହାର ମସ୍ତିଷ୍କର ସଂରଚନା ବେଶ୍ ଅଦ୍ଭୁତ। ଏହା ମଣିଷ ଭଳି ସାମାଜିକ। ସବୁଠୁ ମଜାର କଥା ହେଉଛି ଏହା ମଧ୍ୟ ସ୍ୱପ୍ନ ଦେଖେ। ପେଙ୍ଗୁଇନ୍‌ର ମସ୍ତିଷ୍କ ଉପରେ ଗବେଷଣା କରି ଏହି ଗବେଷକମାନେ ଦର୍ଶାଇଛନ୍ତି ଯେ, ଏହା ମସ୍ତିଷ୍କରେ ଥିବା ସ୍ୱପ୍ନ ସୃଷ୍ଟିକାରୀ ଗ୍ରନ୍ଥି ପ୍ରାୟତଃ ମଣିଷ ସହିତ ସମାନ। ତେଣୁ ଏହି ପେଙ୍ଗୁଇନ୍ ସବୁ ଅଦ୍ଭୁତ ଧରଣର ସ୍ୱପ୍ନ ଦେଖିଥାନ୍ତି। ତେବେ ଗବେଷକମାନେ ଏ କଥା କହିଛନ୍ତି ଯେ, ପେଙ୍ଗୁଇନ୍ ଏମିତି ଏକ ପ୍ରାଣୀ, ଯାହା ସବୁବେଳେ ସକାରାତ୍ମକ ସ୍ୱପ୍ନ ଦେଖିଥାଏ। ଏହା ଆଦୌ ଭୟାନକ କିମ୍ବା ନକାରାତ୍ମକ ସ୍ୱପ୍ନ ଦେଖେନାହିଁ।

**ଜୀବନଶୈଳୀକୁ ନେଇ ସୃଷ୍ଟି ହୁଏ ସ୍ୱପ୍ନ :** ଗବେଷକମାନେ ଏ କଥା କହିଛନ୍ତି ଯେ, ଜଣକର ଜୀବନଶୈଳୀ ସହିତ ତା' ଭିତର ସ୍ୱପ୍ନର ଘନିଷ୍ଠ ସମ୍ପର୍କ ରହିଥାଏ। ଆବହମାନ କାଳରୁ ମଣିଷ ହୁଅନ୍ତୁ କି ଜୀବଜନ୍ତୁ ସେମାନେ ନିଜ ନିଜର ଜୀବନକୁ ନେଇ ଚିନ୍ତିତ ରହିଥାନ୍ତି। ଆଉ ତାହା ହିଁ ସେମାନଙ୍କ ମସ୍ତିଷ୍କର ଗ୍ରନ୍ଥୀ ସବୁକୁ ନିୟନ୍ତ୍ରଣ କରିଥାଏ। କେତେକ ମଣିଷୋତ୍ତର ପ୍ରାଣୀ ଯଥା ପଶୁପକ୍ଷୀଙ୍କର ମସ୍ତିସ୍କକୁ ସ୍କାନ୍ କରି ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ, ପଶୁପକ୍ଷୀମାନେ ଯେଉଁ ସ୍ୱପ୍ନ ଦେଖନ୍ତି ତାହା ମଧ୍ୟ ତାଙ୍କର ଜୀବନଶୈଳୀ ସମ୍ପର୍କିତ। ଅର୍ଥାତ୍ ସେମାନେ କେମିତି ଖାଦ୍ୟ ସଂଗ୍ରହ କରିବେ, କେମିତି ପ୍ରତିକୂଳ ପରିବେଶବର୍ତ୍ତୀ ହେବେ, ତାହା ହେଉଛି ସେମାନଙ୍କ ସ୍ୱପ୍ନର ବିଷୟବସ୍ତୁ।

**ବାହ୍ୟଜ୍ଞାନ ଲୋପ ହୋଇଯାଏ :** ଭିନ୍ନ ଭିନ୍ନ ବୟସର ୫ ଶହ ଲୋକଙ୍କୁ ନେଇ କରାଯାଇଥିବା ଏକ ପୃଥକ୍ ଗବେଷଣାରୁ ଜାଣିବାକୁ ମିଳିଛି ଯେ, ସ୍ୱପ୍ନ ଦେଖିବା ବେଳେ ମଣିଷ ଆଦୌ ଜାଗ୍ରତ ହୋଇ ରହି ନ ଥାଏ। ତାହାର ଆଖପାଖ ପରିବେଶର ଚିନ୍ତା କିଛି ନ ଥାଏ। ଏଭଳି କାହିଁକି ହୁଏ ବୋଲି ଏକ ପ୍ରଶ୍ନର ଉତ୍ତର ଦେଇ ଗବେଷକମାନେ କହିଛନ୍ତି ଯେ, ସ୍ୱପ୍ନ ସୃଷ୍ଟିକାରୀ ଗ୍ରନ୍ଥିଟି ଅତ୍ୟନ୍ତ ସମ୍ବେଦନଶୀଳ। ଏହା ଯେତେବେଳେ ସକ୍ରିୟ ହୁଏ ସେତେବେଳେ ତାହାର ପ୍ରଭାବରେ ମସ୍ତିଷ୍କର ଅନ୍ୟ ଗ୍ରନ୍ଥିସବୁ ସୁପ୍ତ ଅବସ୍ଥାକୁ ଚାଲିଯାଆନ୍ତି। ଫଳରେ ମଣିଷର ବାହ୍ୟଜ୍ଞାନ ଲୋପ ପାଇଯାଏ।

**ସ୍ୱୟଂଚାଳିତ :** ସ୍ୱପ୍ନକୁ ନେଇ ଅନେକ କାଳ୍ପନିକ କଥା ଶୁଣିବାକୁ ମିଳେ। ଯେମିତି କି ଜଣେ ଯେମିତି ଭାବିବ ସେମିତି ସ୍ୱପ୍ନ ଦେଖିବ। ହେଲେ ଏ କଥାର ବାସ୍ତବତା ସହିତ କୌଣସି ସମ୍ପର୍କ ନାହିଁ। ସ୍ୱପ୍ନ ଗ୍ରନ୍ଥି ଉପରେ ମଣିଷର ନିୟନ୍ତ୍ରଣ ନ ଥାଏ। ଏହି ଗ୍ରନ୍ଥିର ପ୍ରଭାବ ଏତେ ଶକ୍ତିଶାଳୀ ଯେ ଏହା ଆଦୌ ପୂର୍ବାପର ସଙ୍ଗତି ଥିବା କଥାଗୁଡ଼ିକୁ ମଧ୍ୟ ସ୍ୱପ୍ନ ଆକାରରେ ସଜେଇ ଦେଇଥାଏ। ଗବେଷକମାନଙ୍କ ମତରେ କୌଣସି ଜଣେ ବ୍ୟକ୍ତି ଚେଷ୍ଟାକରି ଗୋଟିଏ ନିର୍ଦ୍ଦିଷ୍ଟ ସ୍ୱପ୍ନ ଦେଖିପାରିବ ନାହିଁ। ଏହାର ବଡ଼ କାରଣ ହେଉଛି ସ୍ୱପ୍ନ ସୃଷ୍ଟିକାରୀ ଗ୍ରନ୍ଥିଟି ସ୍ୱୟଂଚାଳିତ।

**ସ୍ୱପ୍ନ ଏବଂ ଗବେଷଣା :** ପୁରାଣ ଶାସ୍ତ୍ରମାନଙ୍କରେ ସ୍ୱପ୍ନକୁ ନେଇ ଗତିବିଧି ତଥା ଭବିଷ୍ୟତ ନିର୍ଣ୍ଣୟ କରିବା ଭଳି କାହାଣୀମାନ ରହିଛି। ହେଲେ ଭିକ୍ଟୋରିଆ ୟୁନିଭର୍ସିଟିର ଗବେଷକମାନେ ସ୍ପଷ୍ଟ କରିଦେଇଛନ୍ତି ଯେ, ଜଣେ ଯେଉଁ ସ୍ୱପ୍ନ ଦେଖୁଛି ତାହାକୁ ବିଶ୍ଳେଷଣ କରି ଯାହା କୁହାଯାଏ ସେଥିରେ କୌଣସି ସତ୍ୟତା ନ ଥାଏ। ଅର୍ଥାତ୍, ଜଣେ ଯଦି ଭଲ ସ୍ୱପ୍ନ ଦେଖିବ ତାହାର ଭଲ ହେବ କିମ୍ବା ମନ୍ଦ ସ୍ୱପ୍ନ ଦେଖିବ ତା'ହେଲେ ତାହାର ଅମଙ୍ଗଳ ହେବ। ତାହାର ଏମିତି କୌଣସି ଅର୍ଥ ନାହିଁ।










# ଦାମୀ ସାଣ୍ଡୱିଚ୍

ସାଣ୍ଡୱିଚ୍‌ରେ ବ୍ୟବହୃତ ସାମଗ୍ରୀ ଅନୁସାରେ ଏହାର ଦାମ୍ ନିର୍ଦ୍ଧାରଣ କରାଯାଏ। ତେବେ ଏମିତି ଏକ ସାଣ୍ଡୱିଚ୍ ଅଛି, ଯାହାର ମୂଲ୍ୟ ୧୩, ୫୦୦ ଟଙ୍କା। ଭାବୁଥିବେ ଏଥିରେ ଏମିତି କ'ଣ ସାମଗ୍ରୀ ରହିଛି ଯେ ଏହାର ମୂଲ୍ୟ ଏତେ। ନ୍ୟୁୟର୍କର ରିଜ୍ ରେଷ୍ଟୁରାଣ୍ଟରେ ଉକ୍ତ ମହଙ୍ଗା ସାଣ୍ଡୱିଚ୍ ପ୍ରସ୍ତୁତ କରାଯାଏ, ଯାହା କି ପୃଥିବୀର ସବୁଠାରୁ ମହଙ୍ଗା ସାଣ୍ଡୱିଚ୍ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଏଥିରେ ଟମାଟୋ ଏବଂ ଅନ୍ୟାନ୍ୟ ସାମଗ୍ରୀ ସହ ୨୩ କ୍ୟାରେଟ୍ ସୁନାର ପରସ୍ତ ପଡିଥିବା ଚିଜ୍ ଟୋଷ୍ଟି ବ୍ୟବହାର କରାଯାଏ। ଅନ୍ତର୍ଜାତୀୟ ସାଣ୍ଡୱିଚ୍ ଦିବସରେ ଜୋଏ କାଲ୍ଡେରୋନୀ ଉକ୍ତ ଦାମୀ ସାଣ୍ଡୱିଚ୍ ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ।

# ମୋଟା ଓଠ

ସୁନ୍ଦରତାର ସଂଜ୍ଞା କାହା ପାଇଁ କେମିତି। ଯେମିତି କି ବୁଲଗେରିଆର ଆଣ୍ଡ୍ରିଆ ଏମିଲୋଭା ଇଭାନୋଭାଙ୍କୁ ପସନ୍ଦ ମୋଟା ଓଠ। ସେଇଥିପାଇଁ ତ ସେ ପ୍ଲାଷ୍ଟିକ ସର୍ଜରିର ସାହାଯ୍ୟ ନେଇ ନିଜ ଓଠକୁ ମୋଟା କରାଇଛନ୍ତି। ଓଠକୁ ସେ ୨୦ ଥର ଲିପ୍ ଫିଲର୍ କରାଇଛନ୍ତି। ତେଣୁ ଏବେ ତାଙ୍କ ଓଠ ଚାରିଗୁଣା ମୋଟା ହୋଇଯାଇଛି। ଅନେକେ ତାଙ୍କ ମୋଟା ଓଠକୁ ନେଇ ବ୍ୟଙ୍ଗ କରନ୍ତି। ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରିଥିବା ଫଟୋରେ ଅନେକେ ନେଗେଟିଭ କମେଣ୍ଟ କରନ୍ତି। କିନ୍ତୁ ସେସବୁକୁ ସେ ଭ୍ରୂକ୍ଷେପ କରନ୍ତି ନାହିଁ। ୨୦୧୮ରୁ ସେ ଲିପ୍ ଫିଲର୍ କରିଆସୁଛନ୍ତି। ଆଉ ଏଥିରେ ହଜାର ହଜାର ଡଲାର ଖର୍ଚ୍ଚ କରିସାରିଲେଣି। ଏବେ ତାଙ୍କ ଓଠ ଏତେ ମୋଟା ହୋଇଯାଇଛି ଯେ, ତାଙ୍କୁ ଚିହ୍ନି ହୁଏନା। ତଥାପି ସେ ଚାହାନ୍ତି ଓଠକୁ ଆହୁରି ମୋଟା କରିବାକୁ। ଯେମିତି କି ତାଙ୍କ ଓଠ ପୃଥିବୀର ସବୁଠାରୁ ମୋଟା ଓଠରେ ପରିଗଣିତ ହେବ। ସେ କହନ୍ତି, ଆମ ଦେଶରେ ମୋଟା ଓଠକୁ ଫ୍ୟାଶନେବଲ୍ ଭାବେ ଧରାଯାଏ। ଅନେକ ଝିଅ ଲିପ୍ ଫିଲର୍ ମାଧ୍ୟମରେ ନିଜ ଓଠକୁ ମୋଟା କରୁଛନ୍ତି। ତେଣୁ ମୁଁ ମୋ ଓଠକୁ ନେଇ ବେଶ୍ ଖୁସି ଅଛି।



## କାର୍ଟୁନ କର୍ନର

